## କୃଷି ସୂଚନା ସେବା (ଧାନ)
## କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ

**ଡିସେମ୍ବର ୨୦୧୪ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ଖରାଦିନିଆ ରୁଆ ଧାନ ଭାବରେ ବିଭିନ୍ନ କିସମ ଯଥା: CR Dhan 601, IR 64, ଚନ୍ଦନ, ଲଲାଟ, ନବୀନ, MTU 1010, ଶତାବ୍ଦି, ଖଣ୍ଡଗିରି, ଲୁଣାସଂଖୀ(ଉପକୂଳବର୍ତ୍ତୀ ଲୁଣାଜମି ପାଇଁ) ଏବଂ ଶଙ୍କର କିସମ ଯଥା ଅଜୟ ଓ ରାଜଲକ୍ଷ୍ମୀ ବ୍ୟବହାର କରନ୍ତୁ। ଖରାଟିଆ ଆର୍ଦ୍ର ଗଜା ବୁଣା ପାଇଁ ବିଭିନ୍ନ କିସମ ଯଥା -ନବୀନ, ଶତାବ୍ଦି, ଲଲାଟ ଏବଂ ଖଣ୍ଡଗିରି ନିଆଯାଇପାରିବ।
- ଅଧିକ ଅମଳକ୍ଷମ ଧାନ ଚାଷ ପାଇଁ ୧ ହେକ୍ଟର ଜମିପାଇଁ ୪୦-୪୫ କି.ଗ୍ରା. ବିହନ ଏବଂ ଶଙ୍କର କିସମ ପାଇଁ ୧୨ ରୁ ୧୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ ।
- ସମତଳ ଏବଂ ସମତୁଲ ହୋଇଥିବା ଜମିରେ ଯଥାଶିଘ୍ର ଗଜା ହୋଇଥିବା ଧାନ ବିହନ ବୁଣି ଦିଅନ୍ତୁ। ଶଙ୍କର କିସମ ଧାନ ପାଇଁ ପ୍ରତି ବର୍ଗମିଟର ତଳିଘରାରେ ୨୦ ରୁ ୨୫ ଗ୍ରାମ ପର୍ଯ୍ୟନ୍ତ ଗଜା ଧାନ ବିହନ ବୁଣିବା ଦରକାର ଏବଂ ଏକ ହେକ୍ଟର ଜମି ପାଇଁ ୬୦୦ ବର୍ଗମିଟର ତଳିଘରା ପ୍ରସ୍ତୁତ କରନ୍ତୁ।
- ତଳି ଘରାରେ ବୁଣିବାର ୨-୩ ଦିନ ପରେ ଗଜା ଧାନରେ ଏକ ପତଳା ପାଣି ମଡାଇ ଦିଅନ୍ତୁ। ପରବର୍ତ୍ତୀ ପର୍ଯ୍ୟାୟରେ ହାଲୁକା ଜଳସେଚନ ନିୟମିତ ବ୍ୟବଧାନରେ ଦିଅନ୍ତୁ।
- ରୁଆ ତଥା ଆର୍ଦ୍ର ଗଜାବୁଣା ଡାଲୁଅ ଧାନ ଚାଷ ପାଇଁ ମୁଖ୍ୟ ଜମିରେ ପ୍ରଥମେ ଅଗଭୀର ଚାଷ ଏବଂ ପରେ ବିଲରେ ପାଣି ରଖି ପ୍ରଥମ କାଦୁଅ କରନ୍ତୁ।

*****